# NATIONAL NEWS BULLETIN (ODIA)

**15 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ-ବ୍ରିଟେନ୍ ମଧ୍ୟରେ କାର୍ଯ୍ୟକାରୀ ହେଲା ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟିକ ଚୁକ୍ତିନାମା
- ଆୟୁର୍ବେଦ ସ୍ୱାସ୍ଥ୍ୟସେବାର ବିଶ୍ୱ ମାନଦଣ୍ଡକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି, କହିଲେ ରାଷ୍ଟ୍ରପତି
- ହାଇଦ୍ରାବାଦରେ ଆରମ୍ଭ ହେଲା ଦ୍ୱାଦଶ ବ୍ରିକ୍ସ ଶ୍ରମ ଓ ନିଯୋଜନ ମନ୍ତ୍ରୀଙ୍କ ଦୁଇ ଦିନିଆ ବୈଠକ
- ଆଲୋଚନା ପାଇଁ ଆଗ୍ରହ ପ୍ରକାଶ ନକଲେ ଇରାନ ବିରୁଦ୍ଧରେ ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଆମେରିକା ରାଷ୍ଟ୍ରପତିଙ୍କ ଚେତାବନୀ

ଏବଂ

- ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ

---

## ଇଣ୍ଡିଆ-ୟୁକେ

ଭାରତ-ବ୍ରିଟେନ୍ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟିକ ଚୁକ୍ତିନାମା ଆଜିଠାରୁ କାର୍ଯ୍ୟକାରୀ ହୋଇଛି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ସବୁ

ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ସମନ୍ୱୟ ରକ୍ଷା ମାଧ୍ୟମରେ ଏହି ଅବସରରେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରୁଛି। କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଅପରାହ୍ନରେ ଏହି ଚୁକ୍ତିନାମାର କାର୍ଯ୍ୟକାରିତାକୁ ଶୁଭାରମ୍ଭ କରିବା ଅବସରରେ ରପ୍ତାନୀ ସାମଗ୍ରୀ ବ୍ରିଟେନ୍‌କୁ ପଠାଯିବ । ରତ୍ନ ଏବଂ ଅଳଙ୍କାର ରପ୍ତାନୀ ପ୍ରୋତ୍ସାହନ ପରିଷଦ, ସୀମା ଶୁଳ୍କ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆଜି କାର୍ଯ୍ୟକାରୀ ହୋଇଥିବା ଏହି ଚୁକ୍ତିନାମା ଭାରତ ଏବଂ ୟୁକେ ସହଭାଗିତାରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲଙ୍କ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟ ଉପରେ ମତ ଦେଇ ଶ୍ରୀ ମୋଦୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ବୃତ୍ତିଗତ ସେବା ଏବଂ ନବସୃଜନରେ ସହଯୋଗ ଅଧିକ ସଶକ୍ତ ହୋଇପାରିବ । ଭାରତ ଏବଂ ୟୁକେ ଗଣତନ୍ତ୍ର ମଧ୍ୟରେ ବିଶ୍ୱାସ ଏବଂ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ନିବେଶ ଓ ନବସୃଜନ ଦ୍ୱାରା ପରିଚାଳିତ ଭବିଷ୍ୟତର ସହଭାଗିତା ଗଠନ କ୍ଷେତ୍ରରେ ଏହି ଚୁକ୍ତିନାମା ଉଭୟ ପକ୍ଷର ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଦ୍ୱିପାକ୍ଷିକ ସଂପର୍କରେ ଏହି ଚୁକ୍ତିନାମା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଭାରତରେ ପ୍ରାୟ ୯୯ ପ୍ରତିଶତ ରପ୍ତାନୀ କ୍ଷେତ୍ର ନିଃଶୁଳ୍କ ବଜାର ପ୍ରବେଶର ସୁବିଧା ପାଇବ । ପାଖାପାଖି ଦ୍ୱିପାକ୍ଷିକ ବାଣିଜ୍ୟ ମୂଲ୍ୟର ପ୍ରାୟ ୧୦୦ ପ୍ରତିଶତକୁ ଏହି ପଦକ୍ଷେପ ବିସ୍ତାର କରିବ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଏହି ଚୁକ୍ତିନାମା ବଳରେ ଦେଶର ରପ୍ତାନୀ କ୍ଷେତ୍ର ଅଧିକ ବ୍ୟାପକ ହୋଇପାରିବ । ଭାରତୀୟ ଶିଳ୍ପକ୍ଷେତ୍ର ଅଧିକ ତ୍ୱରାନ୍ୱିତ ହେବା ସହ ୟୁକେ ରେ କାର୍ଯ୍ୟରତ ପେଶାଦାର ମାନବସମ୍ବଳ ସୁଫଳ ପାଇବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ଏହି ପଦକ୍ଷେପ ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ।

ଏହି ଚୁକ୍ତିନାମା ଦେଶର ଆର୍ଥିକ ସ୍ୱାର୍ଥକୁ ସଶକ୍ତ କରିବା ସହ ଚାଷୀ ଏବଂ କୃଷିକ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରିବ ବୋଲି ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି ।

## ପ୍ରେଜ୍-ଆୟୁର୍ବେଦ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବିଶ୍ୱ ସ୍ତରରେ ଆୟୁର୍ବେଦ ଓ ଯୋଗକୁ ଏକ ନୂତନ ଉତ୍ସାହର ସହିତ କେନ୍ଦ୍ର ସରକାର ପ୍ରତିପାଦନ କରିପାରିଛନ୍ତି । ନୂଆଦିଲ୍ଲୀରେ ଶୁଶ୍ରୁତ-୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି, ବୈଜ୍ଞାନିକ ମାନଦଣ୍ଡ ଆଧାରରେ ପ୍ରାଚୀନ ଆୟୁର୍ବେଦ ଶଲ୍ୟ ଚିକିତ୍ସାର ପରମ୍ପରାଗତ ପଦ୍ଧତିକୁ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଜାରି ରହିଛି ।

ଆୟୁର୍ବେଦ ସ୍ୱାସ୍ଥ୍ୟସେବାର ବିଶ୍ୱ ମାନଦଣ୍ଡକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ ଘନିଷ୍ଠ ଭାବେ ଆୟୁଷ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି । ମାନଦଣ୍ଡ ଆଧାରିତ ତଥ୍ୟ ସଂରକ୍ଷଣ, ଡିଜିଟାଲ ସ୍ୱାସ୍ଥ୍ୟ କ୍ଷେତ୍ର ଏବଂ ଆଧୁନିକ ଗବେଷଣା କୌଶଳର ପ୍ରଭାବଶାଳୀ ବ୍ୟବହାର ମାଧ୍ୟମରେ ଆୟୁର୍ବେଦର ବିଶ୍ୱବ୍ୟାପୀ ଗ୍ରହଣୀୟତା ବୃଦ୍ଧି ପାଇପାରିବ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି। ଏଭଳି କାର୍ଯ୍ୟକ୍ରମ ଆୟୁର୍ବେଦ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗକୁ ଅଧିକ ମଜବୁତ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।

**V/O**

---

# ବ୍ରିକ୍ସ ବୈଠକ

ହାଇଦ୍ରାବାଦଠାରେ ଆଜିଠାରୁ ଦ୍ୱାଦଶ ବ୍ରିକ୍ସ ଶ୍ରମ ଓ ନିୟୋଜନ ମନ୍ତ୍ରୀଙ୍କ ବୈଠକ ଜାରି ରହିଛି । ଏହି ଦୁଇଦିନିଆ ବୈଠକରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ଅଂଶ ଗ୍ରହଣ କରୁଛନ୍ତି । ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ସାମାଜିକ ସୁରକ୍ଷାକୁ ପ୍ରୋତ୍ସାହନ ପ୍ରଦାନ କରିବା, ଶ୍ରମ କ୍ଷେତ୍ରକୁ ଅଧିକ ସୁବ୍ୟବସ୍ଥିତ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶ ଗ୍ରହଣ ବୃଦ୍ଧି କରିବା ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଏହି ବୈଠକରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ବୈଠକ ପୂର୍ବରୁ ନିଯୁକ୍ତି କାର୍ଯ୍ୟଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଚିଠା ଘୋଷଣାନାମା ଉପରେ ମଧ୍ୟ ଏଥିରେ ଆଲୋଚନା କରାଯିବ । ଶ୍ରମ ନୀତି, ଦକ୍ଷତା ବିକାଶ, ଶ୍ରମିକ କଲ୍ୟାଣ ଏବଂ ସମାବେଶୀ ମୂଳକ

ନିଯୁକ୍ତିକ୍ଷେତ୍ରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଏହି ବୈଠକର ଅନ୍ୟତମ ଉଦ୍ଦେଶ୍ୟ ।

## ଟ୍ରମ୍ପ-ତେହେରାନ୍ ଓ୍ୱାର୍ଣ୍ଣିଂ

ତେହେରାନ୍ ଆଲୋଚନା ପାଇଁ ଆଗକୁ ନ ଆସିଲେ, ଇରାନ ବିରୁଦ୍ଧରେ ଅଧିକ ଦୃଢ଼ ସାମରିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଏକ ସାକ୍ଷାତକାରରେ ଶ୍ରୀ ଟ୍ରମ୍ପ କହିଛନ୍ତି, ଇରାନ ବିରୁଦ୍ଧରେ ଆମେରିକାର ସାମରିକ ପଦକ୍ଷେପ ଜାରି ରହିବ । ଆଗାମୀ ସପ୍ତାହରେ ଇରାନର ଶକ୍ତିକ୍ଷେତ୍ର ଏବଂ ଯୋଗାଯୋଗ ମାଧ୍ୟମ ଏବଂ ସେତୁଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଇରାନ ପାଖରେ ଆମେରିକା ସହ ଚୁକ୍ତିରେ ପହଞ୍ଚିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ଟ୍ରମ୍ପ କହିଛନ୍ତି । ପୂର୍ବରୁ ଖାର୍ଗ ଦ୍ୱୀପ ଉପରେ ଆମେରିକା ଆକ୍ରମଣ କରିସାରିଛି । ତେବେ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ନ କରିବା ଲକ୍ଷ୍ୟ ନେଇ ତୈଳ କ୍ଷେତ୍ରକୁ ବାଦ୍ ଦିଆଯାଇଛି ବୋଲି ଶ୍ରୀ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ହର୍ମୁଜ ପ୍ରଣାଳୀ ଉପରେ ମତ ଉପସ୍ଥାପନ କରି ଶ୍ରୀ ଟ୍ରମ୍ପ କହିଛନ୍ତି, ଅନ୍ତର୍ଜାତୀୟ ଜଳପଥ ପରିବହନ ପାଇଁ ଏହା ଏବେ ମଧ୍ୟ ଉନ୍ମୁକ୍ତ ରହିଛି, କିନ୍ତୁ ଇରାନର ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଯାଇଛି ।

## ଚଣ୍ଡୀଗଡ଼ ହାଇଡ୍ରୋଜେନ ଟ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତ ୧୭ ତାରିଖରେ ଚଣ୍ଡୀଗଡ଼ର ଜିନ୍ଦ୍ ରୁ ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ପରିବେଶ ଅନୁକୂଳ ତଥା ପ୍ରଦୂଷଣମୁକ୍ତ ଏହି ଟ୍ରେନ୍ ଜିନ୍ଦ୍ ଓ ସୋନପତ୍

ମଧ୍ୟରେ ଚଳାଚଳ କରିବ । ଅମୃତଭାରତ ରେଳ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକଶିତ ଜିନ୍ଦ୍ ରେଳଷ୍ଟେସନ ଏବଂ ଏକ ମେଡ଼ିକାଲ କଲେଜର ଶ୍ରୀ ମୋଦୀ ଏହି ଅବସରରେ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କୁରୁକ୍ଷେତ୍ରଠାରେ ଏକ ଉଚ୍ଚ ରେଳପଥ ଏବଂ ନବୀକରଣ ହୋଇଥିବା ରେଳ ଷ୍ଟେସନକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । କୁରୁକ୍ଷେତ୍ରଠାରେ ଏହି ଅବସରରେ ଏକ ଶିଖ୍ ସଂଗ୍ରହାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି । ଅମୃତଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅମ୍ବାଲା ଡିଭିଜନରେ ୪ଟି ରେଳ ଷ୍ଟେସନ-ମୋହାଲି, ଅମ୍ବ ଅନ୍ଦୌରା, ଆନନ୍ଦପୁର ସାହି ଏବଂ କାଲ୍‌କା ର ମଧ୍ୟ ଉଦ୍‌ଘାଟନ କରିବେ । ପଞ୍ଜାବର ଜଳନ୍ଧରକୁ ଗସ୍ତ କରିବା ପୂର୍ବରୁ ଶ୍ରୀ ମୋଦୀ ଚଣ୍ଡୀଗଡ଼ର ପଞ୍ଜାବ ଇଞ୍ଜିନିୟରିଂ କଲେଜର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

## ବିର୍ଲା-ଜୟପୁର

ଦେଶର ନାଗରିକ ଦାୟିତ୍ୱବାନ ଜନପ୍ରତିନିଧିଙ୍କ ମାଧ୍ୟମରେ ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ଉତ୍ତରଦାୟୀ ଶାସନ ବ୍ୟବସ୍ଥା ଆଶା କରନ୍ତି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି । ରାଜସ୍ଥାନ ବିଧାନସଭାର ୭୫ତମ ବାର୍ଷିକୀ ପାଳନ ଅବସରରେ ଜୟପୁରରେ ଆୟୋଜିତ ବିଦ୍ୟା ଗୌରବ ଯାତ୍ରାର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଶ୍ରୀ ବିର୍ଲା ଏହା କହିଛନ୍ତି ।

ସେ କହିଛନ୍ତି, ସ୍ୱଚ୍ଛତା ଏବଂ ଦାୟିତ୍ୱ ସଂପାଦନ ମାଧ୍ୟମରେ ସୁଶାସନ ସୁନିଶ୍ଚିତ କରିବା ନେଇ ବିଧାନସଭା ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ

ଭୂମିକା ରହିଛି । ବିଧାନସଭାଗୁଡ଼ିକ ଏକ ଗଣତାନ୍ତ୍ରିକ ମଞ୍ଚ ଭାବେ କାର୍ଯ୍ୟ କରନ୍ତି । ସେଠାରେ ଲୋକଙ୍କ ଆକାଂକ୍ଷା, ବିକାଶ, ଚିନ୍ତାଧାରା ଏବଂ ଆହ୍ୱାନଗୁଡ଼ିକୁ ସରକାରଙ୍କ ପାଖରେ ଉପସ୍ଥାପନ କରାଯିବାର ସୁଯୋଗ ରହିଛି । ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବାରେ ଏଭଳି ପରାମର୍ଶ ଅତ୍ୟନ୍ତ ମୂଲ୍ୟବାନ ବୋଲି ଶ୍ରୀ ବିର୍ଲା କହିଛନ୍ତି । ସଂସଦ ଓ ବିଧାନସଭାରେ ସଦସ୍ୟଙ୍କ ଉପସ୍ଥିତି ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ବିର୍ଲା, ବିଧାନସଭାଗୁଡ଼ିକୁ ଗଣତନ୍ତ୍ରର ପ୍ରକୃତ ଶିକ୍ଷା ପ୍ରତିଷ୍ଠାନ ଭାବେ ବର୍ଣ୍ଣନା କରିଛନ୍ତି ।

ସେଠାରେ ଅନୁଷ୍ଠିତ ଆଲୋଚନା, ବିତର୍କ ଏବଂ ବିଚାରବିମର୍ଶ ଇତିହାସର ଏକ ସ୍ଥାୟୀ ଅଂଶ ଭାବେ ରହିଥାଏ ।

**V/O**

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଯୋଗ ଦେଇ ଜନସେବା ମାଧ୍ୟମରେ ଲୋକଙ୍କ ଆଶା ଆକାଂକ୍ଷା ପୂରଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମର ଶେଷ ଅଧିବେଶନରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

---

# ସ୍କିଲ୍ ଇଣ୍ଡିଆ ମିଶନ

ଭାରତ ଦକ୍ଷତା ମିଶନ ଆଜି ଏକାଦଶତମ ବାର୍ଷିକୀ ପାଳନ କରୁଛି । ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମିଶନର ଶୁଭାରମ୍ଭ କରିଥିଲେ । ଯୁବବର୍ଗଙ୍କ ପାଇଁ ନିଯୁକ୍ତି, ଉଦ୍ୟୋଗ ଏବଂ ନିରନ୍ତର ଜୀବିକା ପ୍ରଦାନ କରିବା ଲକ୍ଷ୍ୟରେ ଶିଳ୍ପ ଆଧାରିତ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି ମିଶନକୁ କାର୍ଯ୍ୟକାରୀ କରାଯାଇଛି । ମିଶନ

ମାଧ୍ୟମରେ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ସଶକ୍ତ କରିବା ଏହି ମିଶନର ଅନ୍ୟତମ ଉଦ୍ଦେଶ୍ୟ । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ କହିଛି, ଏହି ଯୋଜନା ମାଧ୍ୟମରେ୬ କୋଟିରୁ ଅଧିକ ଯୁବଗୋଷ୍ଠୀ ସଶକ୍ତ ହୋଇପାରିଛନ୍ତି । ପ୍ରତିବର୍ଷ ୧ କୋଟିରୁ ଅଧିକ ଯୁବବର୍ଗଙ୍କୁ ଏହି ଯୋଜନା ଅଧୀନରେ ତାଲିମ  ପ୍ରଦାନ କରାଯାଉଛି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ୧ କୋଟି ୬୫ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇ ସାରିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ପାଣିପାଗ

ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଦେଶର ଉତ୍ତର-ପୂର୍ବାଞ୍ଚଳ, ବିହାର, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ । ଅନ୍ୟପକ୍ଷରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଜାମ୍ମୁକାଶ୍ମୀର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତେଲଙ୍ଗାନାରେ ଆସନ୍ତା ୨ ଦିନ ମଧ୍ୟରେ ଧୂଳିଝଡ଼ ସହ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।